# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**25 January - 2025**

**News Editor : *Itishree Singh Rathaur***

***********************************

## ମୁଖ୍ୟ ସମ୍ବାଦ

- ଦେଶ ଆସନ୍ତାକାଲି ପାଳନ କରିବ ୭୬ତମ ସାଧାରଣତନ୍ତ୍ର ଦିବସ

— ଆଉ କିଛି ସମୟ ମଧ୍ୟରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି

- ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ୧୯ ଜଣ ପୁଲିସ୍ ଅଧିକାରୀ ପାଇବେ ପଦକ

- ଭାରତ ବିଶ୍ୱର ସବୁଠୁ ଯୁବ, ସମାବେଶୀ ଏବଂ ସମ୍ବେଦନଶୀଳ ଗଣତନ୍ତ୍ର; ମତଦାତା ଦିବସ ଅବସରରେ କହିଲେ, ରାଷ୍ଟ୍ରପତି

ଏବଂ

- ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ତାମିଲନାଡୁ ଡ୍ରାଗନ୍ସ ଓ ଟିମ୍ ଗୋନାସିକା ମଧ୍ୟରେ ମ୍ୟାଚ୍ ଜାରି

# ଜାତୀୟ ଭୋଟର ଦିବସ

'ମତଦାନର ବିକଳ୍ପ ନାହିଁ, ମୁଁ ନିଶ୍ଚିତ ଭୋଟ୍ ଦେବି'ର ବାର୍ତ୍ତା ନେଇ ପଞ୍ଚଦଶ ଜାତୀୟ ମତଦାତା ଦିବସ ଆଜି ପାଳନ କରାଯାଉଛି।  ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ମତଦାତାଙ୍କୁ ସାମିଲ କରିବା ନେଇ ସଚେତନତା ବୃଦ୍ଧି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ।

ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ମତଦାତା କାର୍ଯ୍ୟକ୍ରମରେ **ରାଷ୍ଟ୍ରପତି** ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ ବିଶ୍ୱର ସର୍ବପୁରାତନ, ଗଣତନ୍ତ୍ର ହେବା ସହ ବିଶ୍ୱର ସବୁଠୁ ବିଶାଳ, ବିବିଧତାରେ ପୂର୍ଣ୍ଣ, ଯୁବ, ସମାବେଶୀ ଏବଂ ସମ୍ବେଦନଶୀଳ ଗଣତନ୍ତ୍ର। ଆଧୁନିକ ବିଶ୍ୱ ପାଇଁ ଭାରତର ଗଣତନ୍ତ୍ର ଉଲ୍ଲେଖନୀୟ ଓ ଅନନ୍ୟ ଉଦାହରଣ। ଭାରତର ନିର୍ବାଚନ ଆୟୋଗ ଗତ ୭୫ ବର୍ଷ ମଧ୍ୟରେ ୧୮ଟି ଲୋକସଭା ନିର୍ବାଚନ ଏବଂ ୪୦୦ରୁ ଅଧିକ ବିଧାନସଭା ନିର୍ବାଚନର ସଫଳତାପୂର୍ବକ ପରିଚାଳନା କରିଛି। ଦେଶର ନିର୍ବାଚନ ପ୍ରକ୍ରିୟାରୁ ଅନ୍ୟ ରାଷ୍ଟ୍ର ଶିକ୍ଷା ଗ୍ରହଣ କରୁଛନ୍ତି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

**- V/O -**

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ମତଦାତା ଦିବସରେ ଦେଶର ନାଗରିକଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ଆହ୍ୱାନ ଦେଇଛନ୍ତି। ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖି ଦେଶର ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଶ୍ରୀ ମୋଦୀ କହିଛନ୍ତି।

ଗଣତନ୍ତ୍ରର ମୂଲ୍ୟବୋଧକୁ ବଜାୟ ରଖି ମତଦାନ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପିତ କରିବା। ପ୍ରତ୍ୟେକ ଭୋଟ ଗଣତନ୍ତ୍ରକୁ ସଶକ୍ତ କରିବା ସହ ରାଜ୍ୟ ଓ ଦେଶର ଭବିଷ୍ୟତ ଗଠନ କରିବା ଲାଗି ଜରୁରୀ ବୋଲି **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ମତଦାତା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଯୋଗଦେଇ କହିଛନ୍ତି, ଭାରତ ସର୍ବବୃହତ୍ ଗଣତନ୍ତ୍ର ରୂପେ ବିଶ୍ୱରେ ଏକ ଉଦାହରଣ ଅଟେ। ଏହି ପ୍ରତିଷ୍ଠାକୁ ଅକ୍ଷୁର୍ଣ୍ଣ ରଖିବା ଦିଗରେ ନାଗରିକ ରୂପେ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି ଶ୍ରୀ ଆହୂଜା କହିଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବ ମତଦାତା ସଚେତନତା ସମ୍ବନ୍ଧୀୟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଓ ଫଟୋ ପ୍ରଦର୍ଶନୀ ଲୋକର୍ପିତ କରିଥିଲେ।

## ମତଦାତା ଦିବସ-ଜିଲ୍ଲା

**ଦେବଗଡ଼** ଜିଲ୍ଲା  ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ଅବସରରେ ଯୁବ ଭୋଟରମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଛି। ଏହି କାର୍ଯ୍ୟକ୍ରମରେ ନୂତନ ମତଦାତାଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରାଯାଇଛି।

**ଗଞ୍ଜାମ** ଜିଲ୍ଲା ଭଞ୍ଜନଗରରେ ମତଦାତାମାନେ ମତାଧିକାର ସାବ୍ୟସ୍ତ କରିବାକୁ ଉପଜିଲ୍ଲାପାଳ ଜାତୀୟ ମତଦାତା ଦିବସ ଅବସରରେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୧୨ ଜଣ ଶ୍ରେଷ୍ଠ ବିଏଲ୍ଓ ଓ ସୁପରଭାଇଜରଙ୍କୁ ପୁରସ୍କୃତ

କରାଯାଇଥିଲା। ବ୍ରହ୍ମପୁରରେ ଜାତୀୟ ମତଦାତା ଦିବସ ଅବସରରେ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନୱାଡି ଦିଦି ଅଂଶଗ୍ରହଣ କରିଥିଲେ।

**କେନ୍ଦ୍ରାପଡା** ଜିଲ୍ଲାରେ ଭୋଟରମାନଙ୍କୁ ସଚେତନ କରାଇବା ପାଇଁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

**ସମ୍ବଲପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ମତଦାତା ଦିବସ ଉପଲକ୍ଷେ ଜନସାଧାରଣଙ୍କୁ ମତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଯାଇଥିଲା। ଜିଲ୍ଲା ପ୍ରେକ୍ଷାଳୟ ତପସ୍ୱିନୀଠାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

## ମାଲ୍ୟାର୍ପଣ-ଲକ୍ଷ୍ମଣ ନାୟକ

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ **ରାୟଗଡ଼ା** ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ମନ୍ତ୍ରୀ ମୁନିଗୁଡ଼ା ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ସହିଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅଞ୍ଚଳର ସମସ୍ୟା ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ମହାଲିଙ୍ଗ ମୁନିଗୁଡ଼ା ଓ ଅମ୍ବାଦଳା ଡାକ୍ତରଖାନାରେ ଆଗାମୀ ଦିନରେ ଡାକ୍ତର ପଦବୀ ପୂରଣ କରିବା ସହ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଆସନ୍ତାକାଲି ରାୟଗଡାରେ ସାଧାରଣତନ୍ତ୍ର ଦିବସ ସମାରୋହରେ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ।

## ଶିକ୍ଷାନୁଷ୍ଠାନ ପରିଦର୍ଶନ

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦୁଇଦିନିଆ **ନୂଆପଡା** ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ଏହି ସମୟରେ ଶ୍ରୀ ସୂରଜ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଏବଂ ସାଧାରଣ ନାଗରିକମାନଙ୍କ ସହ ଜିଲ୍ଲାରେ ରହିଥିବା ଶିକ୍ଷା ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ମନ୍ତ୍ରୀ ଆଗାମୀ ଦିନରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଥିବା ସମସ୍ୟାର ସମାଧାନ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ୱାଟରସେଡ୍ ସଚେତନତା

**ନୟାଗଡ଼** ଜିଲ୍ଲା ଓଡଗାଁଠାରେ ୱାଟରସେଡ୍ ସଚେତନତା ଯାତ୍ରା-୨୦୨୫ ଅନୁଷ୍ଠିତ ହୋଇଛି । ଏହି ଉତ୍ସବରେ ପୁରୀ ଲୋକସଭା ସାଂସଦ ଡକ୍ଟର ସମ୍ବିତ୍ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଦ୍ୱାରା ଚାଷୀମାନେ କିପରି ଲାଭାନ୍ୱିତ ହେଉଛନ୍ତି ସେ ନେଇ ଆଲୋଚନା କରିଥିଲେ । ଏହାସହ ସ୍ୱଳ୍ପ ଜମି କମ୍ ପାଣି ବ୍ୟବହାର କରି ଚାଷୀ କିପରି ଅଧିକ ଉତ୍ପାଦନ କରିବ ତାହା ଉପରେ ଗୁରୁତ୍ୱ ଦେଇଛନ୍ତି । ଏହି ଅବସରରେ ଧବଳେଇଠାରେ ବର୍ଷାଜଳ ପରିଚାଳନା ବନ୍ଧର ଲୋକାର୍ପଣ ଓ କ୍ଷେତ ପୋଖରିର ଶୁଭ ଉଦ୍‌ଘାଟନ କରିଥିଲେ ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାର ପୁରୁଷବର୍ଗରେ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମ୍‌ରେ ତାମିଲନାଡୁ ଡ୍ରାଗନ୍ସ ଏବଂ ଟିମ୍ ଗୋନାସିକା ମଧ୍ୟରେ ମ୍ୟାଚ୍ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୧/୧ ଗୋଲ୍‌ରେ ମ୍ୟାଚ୍ ଚାଲିଛି ।

ଅନ୍ୟ ଏକ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ ତୁଫାନ୍ସ ଏବଂ ୟୁପି ରୁଦ୍ରାସ  ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

ମହିଳା ବର୍ଗରେ ଟାଇଟଲ ହାସଲ ପାଇଁ ଆସନ୍ତାକାଲି ଓଡ଼ିଶା ୱାରିୟର୍ସ ଏବଂ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ହେବ ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ

ଦେଶ ଆସନ୍ତାକାଲି ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କରିବ। ଏହାର ଅବ୍ୟବହିତ ପୂର୍ବରୁ ଆଉ କିଛି ସମୟ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ। ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ପ୍ରଥମେ ହିନ୍ଦୀ ଏବଂ ପରେ  ଇଂରାଜୀରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀର ସମସ୍ତ ଆଞ୍ଚଳିକ ନେଟୱ୍ୱାର୍କରେ ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ ।

# ସାଧାରଣତନ୍ତ୍ର ଦିବସ ପାଳନ

ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା **ଜାତୀୟସ୍ତରୀୟ** ସାଧାରଣତନ୍ତ୍ର ଦିବସ ସମାରୋହରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରାବୋଓ-ସୁବିଆନ୍ତୋ ମୁଖ୍ୟଅତିଥି ଭାବେ ଯୋଗଦେବେ। ଚଳିତବର୍ଷ ପରେଡ୍‌ରେ ଇଣ୍ଡୋନେସିଆର ୧୬୦ ସଦସ୍ୟ ବିଶିଷ୍ଟ କଣ୍ଟିଜେଣ୍ଟ ଏବଂ ୧୯୦ ସଦସ୍ୟବିଶିଷ୍ଟ ବ୍ୟାଣ୍ଡ କଣ୍ଟିଜେଣ୍ଟ ଭାଗ ନେବେ। ପରେଡ୍‌ରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୩୧ଟି ପ୍ରଜ୍ଞାପନ ମେଢକୁ ‘ସ୍ୱର୍ଣ୍ଣିମ ଭାରତ ବିରାସତ ଔର ବିକାଶ’ର ବାର୍ତ୍ତା ନେଇ ପ୍ରଦର୍ଶନ କରାଯିବ।

ସମାରୋହରେ ବିଭିନ୍ନ ବର୍ଗରୁ ୧୦ ହଜାର ନିମନ୍ତ୍ରିତ ଅତିଥି ସାମିଲ ହେବେ। **ରାଜ୍ୟସ୍ତରୀୟ** ସାଧାରଣତନ୍ତ୍ର ଦିବସ ସମାରୋହ ଭୁବନେଶ୍ୱର ଗାନ୍ଧିମାର୍ଗରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। **ଜିଲ୍ଲାସ୍ତର**ରେ ମନ୍ତ୍ରୀ ଓ ଜିଲ୍ଲାପାଳମାନେ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ସୂଚନା ମିଳିଛି। କଟକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତୀୟ ପତାକା ଉତ୍ତୋଳନ କରିବେ। ପୁରୀରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଖୋର୍ଦ୍ଧାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସୁନ୍ଦରଗଡ଼ରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସୁବର୍ଣ୍ଣପୁରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, କୋରାପୁଟରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜାତୀୟ ପତାକା ଉତ୍ତୋଳନ କରିବେ।

## ସାଧାରଣତନ୍ତ୍ର ଦିବସ ପାଳନ

ପ୍ରଥମଥର ଲାଗି ଓଡ଼ିଶା ଉପକୂଳରେ ଥିବା ୧୦ଟି ଦ୍ୱୀପରେ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଡିଜିପି-ଆଇଜି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଏ ନେଇ ପରାମର୍ଶ ଦେବା ପରେ କୋଷ୍ଟଗାର୍ଡ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଥିବା ଆଇନ୍‌ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ଏହି ଦ୍ୱୀପଗୁଡ଼ିକରେ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।

## ପୁରସ୍କାର ଘୋଷଣା

ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ସାହସିକତା ଓ ସେବା ପୁରସ୍କାର ଘୋଷଣା ହୋଇଛି। ଦେଶର ବିଭିନ୍ନ ରାଜ୍ୟର ପୁଲିସ୍,

ଅଗ୍ନିଶମବାହିନୀ, ହୋମ୍‌ଗାର୍ଡ, ସିଭିଲ୍ ଡିଫେନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଓ ସାହସିକତା ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ। ଚଳିତବର୍ଷ ଉଲ୍ଲେଖନୀୟ ସେବା ପାଇଁ ଓଡ଼ିଶାର ୧୯ ଜଣ ପୁଲିସ୍ ଅଧିକାରୀଙ୍କୁ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯିବ। ଏ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ତାଲିକା ପ୍ରକାଶ ପାଇଛି।

ବିଶିଷ୍ଟ ସେବା ନିମନ୍ତେ ୨ ଜଣଙ୍କୁ ରାଷ୍ଟ୍ରପତି ପଦକ, କାର୍ଯ୍ୟକ୍ଷେତ୍ରରେ ସାହସିକତା ପ୍ରଦର୍ଶନ ନିମେନ୍ତ ୬ ଜଣଙ୍କୁ ସାହସିକତା ପୁଲିସ ସେବା ପଦକ ଓ ୧୧ ଜଣଙ୍କୁ ଉଲ୍ଲେଖନୀୟ ପୁଲିସ୍ ସେବା ପଦକ ମିଳିବ।

## ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ସମାରୋହରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି।

**ସମ୍ବଲପୁର** ଜିଲ୍ଲାର ଦେବେନ୍ଦ୍ର ପ୍ରଧାନଙ୍କୁ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ପାଇଁ ସୁଯୋଗ ମିଳିଛି। ଶ୍ରୀ ପ୍ରଧାନ ନିଜସ୍ୱ ଉଦ୍ୟୋଗ ପ୍ରତିଷ୍ଠା କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏ ସମ୍ପର୍କରେ ଶ୍ରୀ ପ୍ରଧାନ ଆକାଶବାଣୀକୁ କହିଛନ୍ତି...

**- V/O -**